# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 January - 2025**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଉତ୍କର୍ଷ ଓଡ଼ିଶା- ମେକ୍ ଇନ ଓଡ଼ିଶା ସମ୍ମିଳନୀରେ ୧୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ସୂଚନା

– ୧୨ ଲକ୍ଷ ଅଣାନବେ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ

- ସୁଭଦ୍ରା ଯୋଜନାର ଲାଭାର୍ଥୀଙ୍କ ପାଇଁ 'ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଓ ସୁଭଦ୍ରା ସେତୁ' ନେଇ ସରକାରଙ୍କ ଘୋଷଣା

- କେନ୍ଦ୍ର କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନକୁ ମିଳିଲା ଅନୁମୋଦନ

ଏବଂ

- ରାଜ୍ୟରେ ଶୀତର ପ୍ରଭାବ ହ୍ରାସ; ଘନକୁହୁଡ଼ି ହେବା ନେଇ ୧୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି

**BBSR/R**

## ଉତ୍କର୍ଷ ଓଡ଼ିଶା-୪

ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ମୋଟ୍ ୧୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥିରେ ପାଖାପାଖି ୧୨ ଲକ୍ଷ ଅଣାନବେ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନିବେଶ ଦ୍ୱାରା ରାଜ୍ୟରେ ପ୍ରାୟ ୮ ଲକ୍ଷ ୯୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ହେବ।

**- V/O –**

**BBSR/R**

## ଉତ୍କର୍ଷ ଓଡ଼ିଶା- ମୁଖ୍ୟମନ୍ତ୍ରୀ

ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟରେ ଏକ ସ୍ୱତନ୍ତ୍ର ଶିଳ୍ପ ପାର୍କ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ମହିଳା ଉଦ୍ୟୋଗୀମାନଙ୍କ ଆଲୋଚନାଚକ୍ରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ପାଇଁ ଭୁବନେଶ୍ୱର ଇପିକଲ୍‌ରେ ସ୍ୱତନ୍ତ୍ର ସେଲ୍ ଖୋଲାଯିବ। ଆଗାମୀ ବର୍ଷଗୁଡ଼ିକରେ ମହିଳାମାନଙ୍କୁ ସଫଳ ଉଦ୍ୟୋଗୀ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ

ଜ୍ଞାନ ପ୍ରଦାନ ଲାଗି ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

***Desk***

## ସୁଭଦ୍ରା ଯୋଜନା

'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ସୁଭଦ୍ରାରୁ ମୁଦ୍ରା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାକୁ ନେଇ ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଘୋଷଣା କରିଛନ୍ତି। ଶ୍ରୀମତୀ ପରିଡ଼ା ସମ୍ମିଳନୀରେ କହିଛନ୍ତି, କିଛି ସନ୍ଦେହ ଥିଲେ 'ଶୁଣ ସୁଭଦ୍ରା'ରେ ମହିଳା ଓ ଶିଶୁ ବିକାଶ ବିଭାଗକୁ ହିତାଧିକାରୀ ପଚାରି ବୁଝିପାରିବେ। ଏହା ସହ ଯୋଗାଯୋଗ କରି ଋଣ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଜାଣିପାରିବେ। 'କୁହ ସୁଭଦ୍ରା'ରେ ବିଭାଗ ହିତାଧିକାରୀଙ୍କୁ କଲ୍ କରି ଫୋନ୍ ଯୋଗେ ସମସ୍ୟା ବୁଝିବେ ଓ ସୁଭଦ୍ରା ସେତୁ ଦ୍ୱାରା ୨୧ ବର୍ଷ ହେବାକୁ ଥିବା ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

***BBSR/R***

## ଉତ୍କର୍ଷ ଓଡ଼ିଶା-୧

ଓଡ଼ିଶାରେ ସବୁଜ ଶକ୍ତିର ଭବିଷ୍ୟତକୁ ସଂରକ୍ଷିତ କରିବା ତଥା ଅକ୍ଷୟ ଶକ୍ତିର ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆହ୍ୱାନ ଦେଇଛନ୍ତି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂଦେଓ କହିଛନ୍ତି, ଓଡ଼ିଶା ଶକ୍ତିକ୍ଷେତ୍ରରେ

ବିକାଶ ପାଇଁ ଏକ ବ୍ୟାପକ ଏବଂ ଭବିଷ୍ୟତ ଚିନ୍ତାଧାରାର ଆଭିମୁଖ୍ୟ ଗ୍ରହଣ କରିଛି । ପରିବେଶ ସନ୍ତୁଳନକୁ ବଜାୟ ରଖି ଉଦ୍ୟୋଗର ବିକାଶ କରିବା ଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସମ୍ମିଳନୀରେ ଶିଳ୍ପପତିମାନେ ରାଜ୍ୟରେ ଶକ୍ତିକ୍ଷେତ୍ରରେ ୪ ଲକ୍ଷ ୩୩ ହଜାର କୋଟି ଟଙ୍କାର ନିବେଶ ପାଇଁ ଇଚ୍ଛା ପ୍ରକାଶ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ମିଳିଛି ।

***BBSR/R***

## ଉତ୍କର୍ଷ ଓଡ଼ିଶା-୨

ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଆଜି ବୟନଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବିକାଶ ପାଇଁ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିପାଇଁ ୭ ହଜାର ୭୬୨ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ଏହିସବୁ ଶିଳ୍ପ ପ୍ରତିଷ୍ଠା ହେଲେ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୮୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି । 'ବୟନ, ପୋଷାକ ଏବଂ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର' ଶୀର୍ଷକ ଅଲୋଚନାରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟରେ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି । ସରକାର ସୁଦୃଢ଼ ଭିତ୍ତିଭୂମି, ସୁଦକ୍ଷ ବୁଣାକାର, ଆବଶ୍ୟକୀୟ କଞ୍ଚାମାଲର ଉପଲବ୍ଧତା ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

***BBSR/R***

## ଉତ୍କର୍ଷ ଓଡ଼ିଶା–ଓଡ଼ିଆ ଚଳଚ୍ଚିତ୍ର

ଓଡ଼ିଆ ଚଳଚ୍ଚିତ୍ର ବିଗତ କିଛି ବର୍ଷ ମଧ୍ୟରେ ଜାତୀୟସ୍ତରରେ ଖ୍ୟାତିଲାଭ କରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଆଗାମୀ ଭବିଷ୍ୟତ ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗଦେଇ ଶ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାର ଓଡ଼ିଆ ଚଳଚ୍ଚିତ୍ର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ଓଡ଼ିଆ ସମାଜ ଓ ସଂସ୍କୃତିର ନିଚ୍ଛକ ପ୍ରତିଫଳନ।

***GNR***

## କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ୩୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନକୁ ଅନୁମୋଦନ କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅର୍ଥନୀତିର ବିକାଶ ପାଇଁ ଏହି ସବୁ ଖଣିଜ ପଦାର୍ଥ ଗୁରୁତ୍ୱ ବହନ କରେ। ସବୁଜ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ବଳର ଏକ ସ୍ଥାୟୀ ମୂଲ୍ୟଭିତ୍ତିକ ଶୃଙ୍ଖଳା ସ୍ଥାପନ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

କ୍ୟାବିନେଟ୍ ବୈଠକରେ ଆଖୁ ଫିଡ୍ ଷ୍ଟକ୍‌ରୁ ଇଥାନଲ ପ୍ରସ୍ତୁତି ଲାଗି ମୂଲ୍ୟ ସମ୍ପର୍କିତ ଏକ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି।

## ହାଇକୋର୍ଟ– ଉଚ୍ଛେଦ ଶୁଣାଣି

ବିନା ବିଜ୍ଞପ୍ତିରେ ଉଚ୍ଛେଦ ପ୍ରକ୍ରିୟା କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଛେଦ ପୂର୍ବରୁ ପକ୍ଷଙ୍କୁ ସର୍ବନିମ୍ନ ୧୫ ଦିନର ମହଲତ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ଏକ ଉଚ୍ଛେଦ ଘଟଣାର ଶୁଣାଣି ସମୟରେ ଭୁବନେଶ୍ୱର ଓ କଟକ ମହାନଗର ନିଗମ କମିଶନରଙ୍କୁ ଆଭାସୀ ଜରିଆରେ ହାଜର ହେବାକୁ ହାଇକୋର୍ଟ ନୋଟିସ ଜାରି କରିଥିଲେ। ଆଜି ଏହାର ଶୁଣାଣି କରି ହାଇକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି।

***Desk***

## ଧ୍ୱଜାବତରଣ ସମାରୋହ

ଭାରତର ସାମରିକ ପରମ୍ପରାର ନିଦର୍ଶନ ଧ୍ୱଜାବତରଣ ସମାରୋହ ଆଜି ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟପଥର ବିଜୟଚୌକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ସାଧାରଣତନ୍ତ୍ର ଦିବସର ପରିସମାପ୍ତିକୁ ସୂଚାଇଥାଏ। ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର କ୍ୟାବିନେଟ୍‌ର ବହୁ ସଦସ୍ୟ ଯୋଗ ଦେଇଥିଲେ।

*CTC/Sonepur//Ganjam/Boudh/Rayagada*

# ଖବର ସଂକ୍ଷିପ୍ତରେ

ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ରାୟଗଡ଼ା ସିଭିଲ କୋର୍ଟ ସମ୍ମିଳନୀ କକ୍ଷରେ ତୃତୀୟ ଲିଙ୍ଗୀମାନଙ୍କର ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ତୃତୀୟ ଲିଙ୍ଗୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଉପଲବ୍ଧ ଥିବା ବୃତ୍ତି, ଦକ୍ଷତା ବିକାଶ ଆଦି ବିଭିନ୍ନ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ ।

ବୌଦ୍ଧଠାରେ ଜିଲ୍ଲାସ୍ତରୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନ ଶିକ୍ଷକମାନଙ୍କୁ ସମୟାନୁବର୍ତ୍ତୀ ହେବା ସହ ଛାତ୍ରଛାତ୍ରୀଙ୍କଠାରେ ପ୍ରଜ୍ଞା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାର କୋଟସମଲାଇସ୍ଥିତ ତ୍ରିକୂଟ ପାହାଡ଼ ପାଦଦେଶରେ ୨୦ତମ ପାତାଳୀ ଶ୍ରୀକ୍ଷେତ୍ର ମହୋତ୍ସବ ପାଇଁ ଆଜି କଳସ ଶୋଭାଯାତ୍ରା ଓ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ କୃଷି ଯୋଜନା ଅନ୍ତର୍ଗତ

ବ୍ୟାଙ୍କ ଅଧିକାରୀ ଓ କୃଷି ଉଦ୍ୟୋଗୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉଦ୍ୟୋଗ ବିକାଶ ଯୋଜନାରେ ଖଦି ବିପ୍ଳବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Nabarangpur***

## ଅଦ୍ୱୈକା ଯୋଜନା

କିଶୋରୀ ସଶକ୍ତୀକରଣ ଓ ବାଲ୍ୟ ବିବାହ ନିରାକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଅଦ୍ୱୈକା ଯୋଜନା ଅଧୀନରେ ଆଜି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Baragada***

## ଜିଲ୍ଲା ପରିଷଦ ବୈଠକ

ବରଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଓ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ହୋଇଥିଲା ।

*Jajpur*

## ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ

ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଆଜି ପାଳିତ ହେଉଛି। ବ୍ରହ୍ମ ମୁହୂର୍ତ୍ତରେ ଦେବୀଙ୍କ ନିତ୍ୟସ୍ନାନ ଓ ବେଶ କାର୍ଯ୍ୟ ସରିବା ପରେ ଦେବୀଙ୍କୁ ସ୍ୱନକ୍ଷତ୍ର ବିହିତ ମହାସ୍ନାନ କରାଯାଇଥିଲା। ସ୍ନାନ ପରେ ମା' ସାବିତ୍ରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପରେ ସିଂହାସନ ଉପରେ ଷୋଡ଼ଶ ଉପଚାର ପୂଜାବିଧି କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

*Desk*

# ପାଣିପାଗ

ରାଜ୍ୟରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଦୁଇଦିନ ପରେ ତାପମାତ୍ରା ଆହୁରି ୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଅପରପକ୍ଷରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ୧୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*Desk*

## ହକି ଲିଗ୍

ହକି ଇଣ୍ଡିଆ ଲିଗ୍‌ର ପୁରୁଷବର୍ଗରେ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ସୁରମା ହକି କ୍ଲବ ଓ ଶ୍ରାଚୀ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ସମ୍ବାଦ ପ୍ରସ୍ତୁତି ହେବା ବେଳକୁ ସୁରମା ହକି କ୍ଲବ ୧ - ୦ ଗୋଲ୍‌ରେ ଆଗୁଆ ରହିଛି ।

ଅନ୍ୟ ଏକ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ୟୁପି ରୁଦ୍ରାସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ହେବ।  ଆଜିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ୍ ତାଲିକା ଚୂଡ଼ାନ୍ତ ହେବ  ।

*Sambalpur*

## କ୍ରିକେଟ

ସମ୍ବଲପୁର ବୀର ସୁରେନ୍ଦ୍ରସାଏ ଷ୍ଟାଡିୟମରେ ସର୍ବଭାରତୀୟ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସି.କେ.ନାଇଡୁ ଟ୍ରଫିର ଏକ ମ୍ୟାଚ୍ ଆସନ୍ତା ମାସ ଫେବୃଆରୀ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଚଣ୍ଡୀଗଡ଼ ମଧ୍ୟରେ ଖେଳାଯିବ। ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସମ୍ବଲପୁର ଜିଲ୍ଲା କ୍ରିକେଟ ସଂସଦର ସହଯୋଗରେ ଏହା ଆୟୋଜିତ ହେବାକୁ ଥିବାବେଳେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି ।

*Desk*

# ନ୍ୟାସନାଲ୍ ଗେମ୍ସ

ଉତ୍ତରାଖଣ୍ଡର ଡେରାଡୁନ୍‌ସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଗତକାଲି ଠାରୁ ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ୧୮ ଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦ ହଜାର ଖେଳାଳି ଏବଂ ୩୮ ଦଳର କର୍ମକର୍ତ୍ତା ଅଂଶ ଗ୍ରହଣ କରିଛନ୍ତି । ଓଡ଼ିଶାରୁ ୩୦୨ ଜଣ କ୍ରୀଡ଼ାବିତ୍ ୨୬ଟି ବର୍ଗରେ ଅଂଶ ଗ୍ରହଣ କରୁଛନ୍ତି ।

**********************************